**ଆଜି କପିଳାସ ପୀଠରେ ପ୍ରସିଦ୍ଧ ଜାଗର ଯାତ୍ରା**

# ରାତି ୪ଟା ୨୦ରେ ଉଠିବ ମହାଦୀପ

ଢେଙ୍କାନାଳ,୨୫।୨(ରତନ ନାୟାର)

ରାଜ୍ୟ ତଥା ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ବୁଧବାର ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିପାଇଁ ସେବକ ଓ ସେବାୟତମାନଙ୍କୁ ସେମାନଙ୍କର ଦାୟିତ୍ୱ ବଣ୍ଟନ ମଧ୍ୟ ସରିଛି। ମୁଖ୍ୟ ମନ୍ଦିର ଓ ଅନ୍ୟ ମନ୍ଦିରଗୁଡ଼ିକୁ ରଙ୍ଗଲାଗି କରାଯାଇ ସାଜସଜ୍ଜା କରାଯାଇଛି। ଜାଗର ଯାତ୍ରା ଉପଲକ୍ଷେ ବୁଧବାର ରାତି ୩ଟା ୫୫ମିନିଟରୁ ବେଢାପୂଜା, ବେଢା ପରିକ୍ରମା କାର୍ଯ୍ୟକ୍ରମ ପାଳିଆ ସେବକଙ୍କ ଦ୍ୱାରା ରାତି ୪ଟା ୨୦ମିନିଟରେ ମହାଦୀପ ମନ୍ଦିର ଚୂଡାକୁ ଉଠିବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜାଗର ଯାତ୍ରା ଉପଲକ୍ଷେ ଗୁରୁବାର ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ୬ଟାରୁ ପୂଜା ପଣ୍ଡାଙ୍କ ଦ୍ୱାରା ଆରତୀ ଆରମ୍ଭ ହେବ। ଷୋଡଶ ଉପଚାର ପୂଜା ମଧ୍ୟରେ ରାତି ୭ଟାରୁ ରାତି ସାଢେ ୮ଟା ମଧ୍ୟରେ ୪ଟି ଏବଂ ରାତି ସାଢେ ୮ଟାରୁ ରାତି ୧୦ଟା ମଧ୍ୟରେ ପୀଠ ପୁରୋଧାଙ୍କ ଦ୍ୱାରା ଚାରିପୂଜା ଶେଷ ହେବ। ରାତି ୧୦ଟାରୁ ରାତି ୧ଟା ମଧ୍ୟରେ ରାଜ ପୁରୋଧାଙ୍କ ଦ୍ୱାରା ଆଠପୂଜା ଶେଷ ହେବ। ଏହାପରେ ରାଜ ଦର୍ଶନ ଓ ପରେ ରାଜ ପୁରୋଧାଙ୍କ ଦ୍ୱାରା ଚାରିପୂଜା ଓ ରାତି ୩ଟାରେ ମହା ରୁଦ୍ରାଭିଷେକ, ପରେ ମହାସ୍ନାନ, ନାଗାଭରଣ ବେଶ ଓ ପଞ୍ଚବକ୍ତ୍ର ପୂଜା ଅନୁଷ୍ଠିତ ହେବ। ଏହାପରେ ଢେଙ୍କାନାଳ ରାଜା ମହାପ୍ରଭୁଙ୍କ ନାଗାଭରଣ ବେଶ ଦର୍ଶନ କରିବେ। ଚଳିତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସାଢେ ୧୨ ପ୍ଲାଟୁନ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ଏସ୍‌ପି ଅଭିନବ ସୋନକରଙ୍କ ସୂଚନା ମୁତାବକ କପିଳାସ ପୀଠରେ ଚଳିତବର୍ଷ ଜାଗର ଯାତ୍ରାକୁ ଶୃଙ୍ଖଳିତ ଢଙ୍ଗରେ କରିବା ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି, ୧୪ଜଣ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇ ମିଶାଇ ୮୯, ଓଆର କନେଷ୍ଟବଳ ୭୦, ୧୭୦ଜଣ ହୋମଗାର୍ଡ, ୮ଜଣ ଟ୍ରାଫିକ ଓ ୨୪ଜଣ ହାବିଲଦାରଙ୍କୁ ମୁତୟନ କରାଯାଇଛି। ଏତଦବ୍ୟତୀତ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି।

**ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସାଢେ ୧୨ ପ୍ଲାଟୁନ ଫୋର୍ସ ମୁତୟନ**


କପିଳାସ ପୀଠ।

# ଦୋକାନ ଭିତରକୁ ମାଡ଼ିଗଲା ପୋଲିସ୍ ବସ୍

## ବାଇକ୍ ଓ ସାଇକେଲ ଭାଙ୍ଗିଲା, ୪ ପୋଲିସଙ୍କ ସମେତ ୫ ଆହତ

ଢେଙ୍କାନାଳ,୨୫।୨(ରତନ ନାୟାର)

ପ୍ରସିଦ୍ଧ ଶୈବପୀଠ କପିଳାସକୁ ଯାଉଥିବା ପୋଲିସ ବସ୍ ପୀଠରୁ ଫେରୁଥିବା ବେଳେ ବାରବାଙ୍କ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ବ୍ରେକ୍‌ଫେଲ ହୋଇ ଛକରେ ଥିବା ଦୋକାନ ଭିତରକୁ ମାଡି ଯାଇଥିଲା। ବସ୍‌ଟି ମାଡି ଆସୁଥିବା ଦେଖି ଦୋକାନୀ ଓ ଗ୍ରାହକମାନେ ଜୀବନ ବିକଳରେ ପାଟିକରି ଦୌଡି ପଳାଇ ନିଜ ଜୀବନ ବଞ୍ଚାଇଥିଲେ। ଏହି ଦୁର୍ଘଟଣାରେ ଗୋଟିଏ ବାଇକ ଓ ସାଇକେଲ ଭାଙ୍ଗି ଯାଇଥିବା ବେଳେ ୪ ପୋଲିସ କର୍ମଚାରୀଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ବସ୍‌ଟି ପଶିଯିବା ପରେ ଭିତରେ ଥିବା ପୋଲିସ କର୍ମଚାରୀମାନଙ୍କୁ ବସ୍‌ରୁ ଓହ୍ଲାଇ ଦିଆଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗଁଦିଆ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। ଅନ୍ୟ ପଟରେ ପୀଠ ଉପରକୁ ଯିବା ପାଇଁ ଉଦ୍ଦିଷ୍ଟ ଅନ୍ୟ ଯାନବାହାନର ଯାଞ୍ଚ ସମ୍ବନ୍ଧୀୟ କାଗଜପତ୍ର ପୋଲିସ ମାଗୁଥିବା ବେଳେ ନିଜ ବିଭାଗର ବସ୍‌ର ଫିଟନେସ୍ ଯାଞ୍ଚ ହୋଇଛି କି ନାହିଁ, ତାହା ବର୍ତ୍ତମାନ ତଦନ୍ତ ସାପେକ୍ଷ। ଏହି ଦୁର୍ଘଟଣାରେ ଆହତ ପୋଲିସ ବସ୍ ଚାଳକ ଭୋଳି ଖାଁ (୩୮), ଟିଙ୍କିଲା ସାମଲ (୩୫), ଇନ୍ଦିରା ସାହୁ (୩୫)ଙ୍କୁ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କପିଳାସ ପୀଠରେ ଜାଗର ଯାତ୍ରା ପାଇଁ ମିଟିଂ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।


ଡାକ୍ତରଖାନାରେ ଆହତ ପୋଲିସ କର୍ମଚାରୀ।

# ଜାଗର ପାଇଁ ସ୍ୱେଚ୍ଛାସେବୀଙ୍କ ମନ୍ଦିର ସଫେଇ


ସ୍ୱେଚ୍ଛାସେବୀମାନେ ମନ୍ଦିର ସଫା କରୁଛନ୍ତି।

ପରଜଙ୍ଗ, ୨୫।୨
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କୁଆଁଳସ୍ଥିତ ଅଷ୍ଟମ ଶତାବ୍ଦୀର ଶ୍ରୀଶ୍ରୀ ବାବା ଅଷ୍ଟଶମ୍ଭୁ ମନ୍ଦିରରେ ଜାଗର ଯାତ୍ରା ପାଇଁ ମନ୍ଦିରର ବାହାର ଭିତର ସବୁ ଜାଗାକୁ ତାଳଚେରର ମାରୱାଡ଼ି ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ସଫାସୁତୁରା କରାଯାଇଛି। ଏହି ମନ୍ଦିରକୁ ଏଏସଆଇ ଦ୍ୱାରା ରକ୍ଷଣାବେକ୍ଷଣ ସହିତ ମନ୍ଦିରକୁ ପ୍ରତ୍ୟେକ ଦିନ ସଫା କରିବା କଥା। କିନ୍ତୁ ଏଠାରେ ଏହାର ଦାୟିତ୍ୱ ତୁଲାଇବାକୁ ମନ୍ଦିରର କୌଣସି ଟ୍ରଷ୍ଟ ନଥିବାରୁ ଠାକୁରଙ୍କୁ ପୂଜାର୍ଚ୍ଚନା କରୁଥିବା ସମ୍ପ୍ରଦାୟର ପୂଜାରୀମାନେ ମଧ୍ୟ ଅବହେଳା କରିଥାନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏକ ଟ୍ରଷ୍ଟ ଗଠନ କରାଯାଇ ମନ୍ଦିରକୁ ସୁରକ୍ଷା ଦିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# କପିଳାସରେ ଯାତ୍ରୀଙ୍କୁ ଶୋଷଣ ବନ୍ଦ ନ ହେଲେ ଆନ୍ଦୋଳନ

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ପ୍ରସିଦ୍ଧ ଶୈବପୀଠ କପିଳାସକୁ ଆସୁଥିବା ଯାତ୍ରୀ ତଥା ଶ୍ରଦ୍ଧାଳୁମାନଙ୍କୁ କରାଯାଉଥିବା ଶୋଷଣ ଯଦି ତୁରନ୍ତ ବନ୍ଦ କରାନଯାଏ, ତେବେ ପ୍ରତିବାଦରେ ଆସନ୍ତା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ କପିଳାସ ସୁରକ୍ଷା ପରିଷଦ ପକ୍ଷରୁ ମୁଖ୍ୟ ମନ୍ଦିର ସଂହଦ୍ୱାର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦାନ କରାଯିବ ବୋଲି ପୂର୍ବତନ ବିଧାୟକ ନବୀନ ନନ୍ଦ ମଙ୍ଗଳବାର ଚେତାବନୀ ଦେଇଛନ୍ତି। ୧୧ଦଫା ଦାବିର ସମାଧାନ ନହେଲେ ଧାରଣା ନିଷ୍ପତ୍ତି ନିଆଯାଇଛି। କପିଳାସ ଟୋଲ୍ ଗେଟକୁ ପୋଲିସ ବିଟ୍ ହାଉସ ନିକଟକୁ ସ୍ଥାନାନ୍ତର, ସମସ୍ତ ଯାନବାହାନରୁ ୨ଟି ଟିକସ୍ ଆଦାୟ ବନ୍ଦ କରାଯାଉ, ନିର୍ଦ୍ଧାରିତ ଟୋଲ ଫି' ଓ ପାର୍କିଂ ଫି'ର ସୂଚନା ଫଳକ ମାଧ୍ୟମରେ ଦେବୋତ୍ତର ବିଭାଗ ପକ୍ଷରୁ ଦର ତାଲିକା ସ୍ଥାୟୀ ଭାବରେ ଲଗାଯାଉ। କପିଳାସ ପୀଠ ଉପରେ ନିଲାମ ଦିଆଯାଇଥିବା ଦୋକାନଗୁଡିକ ପାଇଁ ସ୍ଥାନ ନିର୍ଦ୍ଧାରଣ ହେଉ, ମନ୍ଦିର ସମ୍ମୁଖ ଭାଗରେ ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ପାର୍କିଂସ୍ଥଳ ବ୍ୟବସ୍ଥା, କପିଳାସ ପାଦ ଦେଶରେ ଥିବା ପୋଲିସ ବିଟ୍ ହାଉସକୁ ମନ୍ଦିର ପାଖକୁ ସ୍ଥାନାନ୍ତର, ଧର୍ମଶାଳାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ରାତ୍ରୀ ରହଣି ବ୍ୟବସ୍ଥା, ଯାତ୍ରୀ ବିଶ୍ରାମାଗାରରେ ହୋଟେଲ ବ୍ୟବସ୍ଥାକୁ ବନ୍ଦ କରି ଏହାକୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଉ, ପୀଠରେ ୨୪ ଘଣ୍ଟିଆ ପୂର୍ଣ୍ଣ ସମୟ ଦେବୋତ୍ତର ଅଧିକାରୀ ନିଯୁକ୍ତି ହେଉ, ପୀଠ ପରିସରରେ ଥିବା ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ କଳା ପରିଷଦ ଦ୍ୱାରା ନିର୍ମିତ ପାଠାଗାରକୁ ପୁନରୁଦ୍ଧାର କରି ସର୍ବସାଧାରଣ ବ୍ୟବହାର ପାଇଁ ଉନ୍ମୁକ୍ତ ରଖାଯାଉ, ପୀଠ ପରିଚାଳନା ପାଇଁ ଥିବା ପରାମର୍ଶଦାତା କମିଟିକୁ ତୁରନ୍ତ ଗଠନ କରାଯାଉ, ସିଂହଦ୍ୱାର ନିକଟରେ ଥିବା ଡୋନେସନ କାଉଣ୍ଟରକୁ କାର୍ଯ୍ୟକ୍ଷମ କରାଯାଇ ସେଥିରେ ଜଣେ ଅଧିକାରୀ ନିଯୁକ୍ତ କରାଯାଉ ବୋଲି ଦାବି ହୋଇଛି। ଏହାର ସମାଧାନ ନହେଲେ ପ୍ରତିବାଦରେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ବିଧାୟକ କହିଛନ୍ତି।

# କପିଳାସ ପୀଠକୁ ଗଣମାଧ୍ୟମକୁ ବାରଣ ନେଇ ଉତ୍ତେଜନା

ଢେଙ୍କାନାଳ,୨୫।୨(ରତନ ନାୟାର)

ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ଚଳିତବର୍ଷ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୀଠକୁ ଯିବା ପାଇଁ ପୋଲିସ ପ୍ରଶାସନ ବାରଣ କରିବାକୁ ନେଇ ମଙ୍ଗଳବାର ତୀବ୍ର ପ୍ରତିବାଦ ସହିତ ଉତ୍ତେଜନା ପ୍ରକାଶ ପାଇଛି। ଜିଲ୍ଲା ଦେବୋତ୍ତର ବିଭାଗ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ବାରମ୍ବାର ବୁଝାଇବା ସତ୍ତ୍ୱେ ମଧ୍ୟ ଏସ୍‌ପି ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ତୀବ୍ର ପ୍ରତିବାଦ କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ଫୋନ୍ ଯୋଗେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପଟରେ ସେହିପରି କପିଳାସ ପୀଠଟି ଗଁଦିଆ ବ୍ଲକ ଅଧିନରେ ଯାଉଥିବାରୁ ଏହାକୁ ନେଇ ଗଁଦିଆର ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପ୍ରତିବର୍ଷ ପରି ଗଣମାଧ୍ୟମ ପକ୍ଷରୁ କପିଳାସ ଜାଗର ଯାତ୍ରାର ଶୃଙ୍ଖଳିତ ଭାବରେ ଖବର ପ୍ରକାଶିତ ହେଉଥିବା ବେଳେ ଚଳିତବର୍ଷ କାହା ସ୍ୱାର୍ଥରେ ଓ କେଉଁଥି ପାଇଁ ଏସ୍‌ପିଙ୍କର ଏଭଳି ଜିଦ୍ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପୋଲିସ ପ୍ରଶାସନ ପକ୍ଷରୁ ମାତ୍ର ୧୦ଟି ପାସ୍ ଦେବା ପାଇଁ ଅନୁମତି ଦିଆଯାଇଥିବା ବେଳେ ରାଜ୍ୟ ସରକାରଙ୍କ ସୂଚନା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପଞ୍ଜିକୃତ ହୋଇ ଢେଙ୍କାନାଳ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବଭାଗ ତାଲିକାରେ ୬୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିମାନେ ଢେଙ୍କାନାଳରେ ରହିଛନ୍ତି। ଏତଦବ୍ୟତୀତ ଜିଲ୍ଲାରେ ଏହି ପ୍ରସିଦ୍ଧ ଶୈବପୀଠକୁ ଅନ୍ୟ ବ୍ଲକଗୁଡ଼ିକରୁ ମଧ୍ୟ ଗଣମାଧ୍ୟମ ପ୍ରତିନିଧିମାନେ ଆସୁଥିବାରୁ ସମସ୍ତଙ୍କ ଉପରେ ବାରଣ ଲଗାଯାଇଥିବା ଯୋଗୁ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଦନ୍ତାହାତୀର ଗଳିତ ମୃତଦେହ ଜବତ

ଭାପୁର, ୨୫।୨ (ରାଜକୁମାର ପ୍ରଧାନ)

ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ଭାପୁର ବନ ବିଭାଗ କାର୍ଯ୍ୟାଳୟ ଅଧୀନ ଚନ୍ଦ୍ରଶେଖରପ୍ରସାଦ ଗ୍ରାମ ନିକଟ ମାଟିଆ ମୁଣ୍ଡିଆ ସରଂକ୍ଷିତ ପାହାଡ଼ ପାଦଦେଶରେ ଏକ ଦନ୍ତା ହାତୀର ଗଳିତ ମୃତଦେହ ସୋମବାର ଠାବ କରାଯାଇଥିବାବେଳେ ମଙ୍ଗଳବାର ସକାଳୁ ବନବିଭାଗ ଅଧିକାରୀ ପ୍ରାଣୀ ଚିକିତ୍ସାକଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଯାଇ ସେହି ସ୍ଥାନରେ ପୋତି ଦିଆଯାଇଥିଲା। ହାତୀଟିର ବୟସ ପ୍ରାୟ ୩୦ ବର୍ଷ ହୋଇଥିବା ଅନୁମାନ କରାଯାଉଛି। ଦୁଇ ହାତୀଙ୍କ ମଧ୍ୟରେ ଲଢେଇ କାରଣରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡିବ ବୋଲି ଡିଏଫଓ ସୁମିତ କୁମାର କର ପ୍ରକାଶ କରିଛନ୍ତି। ଘଟଣା ସ୍ଥଳରେ ଡିଏଫଓଙ୍କ ସମେତ ଯୁଗ୍ମ ଟାସ୍କ ଫୋର୍ସ , ଆରସିସିଏଫ, ଭିଏସ, ସଦର ରେଞ୍ଜର ଉତ୍ସବ ଚନ୍ଦ୍ର ପ୍ରଧାନ, ବନପାଳ ଚିନ୍ମୟ ସାହୁ, ଏଲିଫାଣ୍ଟ ସ୍କ୍ୱାଡ଼ ଓ ବନକର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରାଧ୍ୟାପକ ବିକାଶ କାର୍ଯ୍ୟକ୍ରମ

ପରଜଙ୍ଗ, ୨୫।୨
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସ୍ଥିତ ସରାଙ୍ଗ ବୈଷୟିକ ଶିକ୍ଷା ଅନୁଷ୍ଠାନ (ଆଇଜିଆଇଟି) ର ଯାନ୍ତ୍ରିକ ବିଭାଗ ପକ୍ଷରୁ ଛଅ ଦିନିଆ ପ୍ରାଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଅନଲାଇନ ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି। ସର୍ବଭାରତୀୟସ୍ତରରେ ଏଆଇସିଟିଇ ଦ୍ୱାରା ଚୟନ ହୋଇଥିବା ୫୦୦ଟି ପ୍ରଧାପକ ବିକାଶ କାର୍ଯ୍ୟକ୍ରମରୁ ଆଇଜିଆଇଟିର ଯାନ୍ତ୍ରିକ ବିଭାଗରେ କାର୍ଯ୍ୟରତ ଥିବା ସହକାରୀ ପ୍ରାଧ୍ୟାପକ ଡକ୍ଟର ସୁପ୍ରିୟା ସାହୁଙ୍କ ପ୍ରାୟୋଜିତ ପ୍ରସ୍ତାବଟି ଅନୁମୋଦିତ ହୋଇଥିଲା। ସଷ୍ଟେନେବଲ ମାନୁଫାକଚରିଂ ଆଣ୍ଡ ଆଡଭାନ୍ସଡ ଅଟୋମେଶନ ଇନ୍ ଇଣ୍ଡଷ୍ଟ୍ରିଜ କାର୍ଯ୍ୟକ୍ରମରେ ଆଇଜିଆଇଟିର ଯାନ୍ତ୍ରିକ ବିଭାଗର ମୁଖ୍ୟ ଡକ୍ଟର ବିଭୂତି ଭୂଷଣ ଚୌଧୁରୀ, ଡିନ ଡକ୍ଟର ପ୍ରତାପ କୁମାର ପାଣି, ଅଧ୍ୟକ୍ଷ ଡକ୍ଟର ବିଦ୍ୟାଧର ସାହୁ, ମୁଖ୍ୟବକ୍ତା ଭାବେ ଏନଆଇଟି ଅଗରତାଲାର ଉତ୍ପାଦନ ବିଭାଗ ମୁଖ୍ୟ ଡକ୍ଟର ରବୀନ୍ଦ୍ର ନାରାୟଣ ମହାପାତ୍ର , ମୁଖ୍ୟ ସଂଯୋଜକ ଡାକ୍ତର ସୁପ୍ରିୟା ସାହୁ ଏବଂ ସହ ସଂଯୋଜକ ବବିତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଆବୁଧାବି ଏବଂ ଭିଏତନାମ ସମେତ ଦେଶର ବିଭିନ୍ନ ରାଷ୍ଟ୍ରୀୟ ବୈଷୟିକ ଶିକ୍ଷା ଅନୁଷ୍ଠାନମାନଙ୍କରୁ ୧୩ଜଣ ପ୍ରାଧ୍ୟାପକ ଓ ଶିଳ୍ପପତିମାନେ ବକ୍ତା ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାଧ୍ୟାପକ, ସଂଯୁକ୍ତ ପ୍ରାଧ୍ୟାପକ, ସହକାରୀ ପ୍ରାଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଏଆଇସିଟିଇ ପକ୍ଷରୁ ଅନଲାଇନ ମାଧ୍ୟମରେ ମାନପତ୍ର ପ୍ରଦାନ କରାଯିବ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରାଧ୍ୟାପକମାନେ।

# ନଡ଼ାଗଦାରେ ନିଆଁ

କାମାକ୍ଷାନଗର,୨୫।୨
(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ମହୁଲି ଗ୍ରାମରେ ସୋମବାର ରାତିରେ ନିଆଁ ଲାଗି ନଡ଼ାଗଦା ଜଳିଯାଇଛି। ପ୍ରାୟ ୫ ଲକ୍ଷ ଟଙ୍କାର ନଡ଼ା ପୋଡି ପାଉଁଶ ହୋଇଯାଇଛି। କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଅଭିଯୋଗ କରିଛନ୍ତି କରିଛନ୍ତି ନଡ଼ାଗଦା ମାଲିକ। ମହୁଲି ଗ୍ରାମର ସମୀରକାନ୍ତ ସାହୁ ଓ ନିରଞ୍ଜନ ସାହୁ ଦୁଇଭାଇ ଛତୁଚାଷ ପାଇଁ ଘର ନିକଟରେ ଥିବା ଏକ ପଡିଆରେ ୮୨ହଜାର ପିସ ନଡ଼ା ଗଦାଇ ରଖିଥିଲେ। ସୋମବାର ବିଳମ୍ବିତ ରାତିରେ ନିଆଁଲାଗି ନଡ଼ାଗୁଡିକ ଜଳୁଥିବା ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଧାର କରଜ କରି ଛତୁଚାଷ ପାଇଁ ୫ ଲକ୍ଷ ଟଙ୍କାର ନଡ଼ା ସଂଗ୍ରହ କରିଥିଲେ। ସେଗୁଡ଼ିକ ପୋଡି ପାଉଁଶ ହୋଇଯାଇଥିବା ଦେଖି କେମିତି ଚାଷ କରିବେ ଓ ଋଣ ସୁଝିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଏଥିପାଇଁ ସରକାରୀସ୍ତରରେ ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନିଆଁ ଲିଭା କାର୍ଯ୍ୟ ଶେଷ କରିବାକୁ ଅଗ୍ନିଶମ ବାହିନୀକୁ ପ୍ରାୟ ଛଅରୁ ସାତ ଘଣ୍ଟା ଲାଗିଥିବା କାମାକ୍ଷାନଗର ଅଗ୍ନିଶମ କେନ୍ଦ୍ର ଏଲଏଫଏମ ଶ୍ରୀକାନ୍ତ ବଳବନ୍ତରାୟ କହିଛନ୍ତି।


ଜଳିଯାଇଥିବା ନଡ଼ାଗଦା

# ସନ୍ତୋଷ ସାହୁ ତୈଳିକ ବୈଶ୍ୟ ସମାଜ ସଭାପତି ମନୋନୀତ


ତୈଳିକ ବୈଶ୍ୟ ସମାଜର କର୍ମକର୍ତ୍ତା।

ପରଜଙ୍ଗ, ୨୫।୨
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ସତ୍ୟମ କଲ୍ୟାଣୀ ମଣ୍ଡପ ଠାରେ ପରଜଙ୍ଗ ତୈଳିକ ବୈଶ୍ୟ ସମାଜର ସମ୍ପାଦକ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ତୈଳିକ ବୈଶ୍ୟ ସମାଜର ପୂର୍ବତନ ସଭାପତି ପ୍ରତାପ ସାହୁଙ୍କ ବିୟୋଗ ପାଇଁ ଶାନ୍ତି ପ୍ରାର୍ଥନା କରାଯାଇଥିଲା। ଖାଲିଥିବା ସଭାପତି ପଦ ପାଇଁ ଆଲୋଚନା ହୋଇଥିଲା ଓ ସର୍ବସମ୍ମତି ଭାବରେ ନୂତନ ସଭାପତି ଭାବେ ସନ୍ତୋଷ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ବିନୟ କୁମାର ସାହୁ ନୂତନ ସଭାପତିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

# ସରାଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ

ପରଜଙ୍ଗ,୨୫।୨
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସରାଙ୍ଗ ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ବିଭିନ୍ନ ଖେଳକୁଦ, ଚିତ୍ରାଙ୍କନ, ହସ୍ତାକ୍ଷର, ସାଧାରଣ ଜ୍ଞାନ ପ୍ରତିଯୋଗିତା ପ୍ରଦର୍ଶନ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ବେହେରାଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରାଙ୍ଗ ପଞ୍ଚାୟତ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ସିଆରସିସି ଜଗନ୍ନାଥ ବେହେରା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ବାସୁଦେବ ଦାସ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ। ସେ କହିଥିଲେ, ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଯେଉଁ ଭଉଣୀଭାଇମାନେ ଆଗାମୀ ଦିନରେ ବ୍ଲକ, ଜିଲ୍ଲାସ୍ତରୀୟ ପର୍ଯ୍ୟନ୍ତ କୃତିତ୍ୱ ଲାଭ କରିବେ ତାଙ୍କୁ ୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ସବିଷ୍ଟ କୁମାର ସାହୁ, ଦେବିପ୍ରସାଦ ଦଳେଇ, ସୁନୀତା ମହାପାତ୍ର କୁନି ସାହୁ,



ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଗାଡ଼ି ଧକ୍କାରେ ଆମ୍ବୁଲାନ୍ସ ହେଲ୍‌ପରଙ୍କ ମୃତ୍ୟୁ

କାମାକ୍ଷାନଗର, ୨୫।୨(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ବାଉଁଶପାଳ ନିକଟରେ ଅଜଣା ଗାଡି ଧକ୍କାରେ ୧୦୮ ଆମ୍ବୁଲାନ୍ସ ହେଲପରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମର ଆଲୋକ ନାଏକ (୨୦)। ସେ ସୋମବାର ବିଳମ୍ବିତ ରାତିରେ ଏକ ମୋଟର ସାଇକେଲ ଯୋଗେ କାମାକ୍ଷାନଗରରୁ ବାଙ୍ଗୁରା ଯାଉଥିବା ବେଳେ ବାଉଁଶପାଳ ଛକ ନିକଟରେ ବିପରୀତ ଦୀଗରୁ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ତାଙ୍କୁ କାମାକ୍ଷାନଗର ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଓଡ଼ପଡ଼ା, ୨୫।୨ (ରଞ୍ଜିତ ନାୟକ)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଧଳପୁରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ତୃତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ଓଡ଼ାପଡ଼ା ସଂକୁଳର ପୂର୍ବତନ ସଂକୁଳ ପ୍ରମୁଖ ଘନଶ୍ୟାମ ସାମଲ ମୁଖ୍ୟ ଅତିଥି, ଧଳପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ତଥା ସରସତୀ ଶିଶୁ ବିଦ୍ୟା ମନ୍ଦିରର ବିଦତ ପରିଷଦର ସମ୍ପାଦକ ଡ଼. ଗିରିଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଭିଭାବକମାନଙ୍କୁ ଶିଶୁର ରୋଗ ଏବଂ ତା'ର ଚିକିତ୍ସା ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ରୁ ଉର୍ଦ୍ଧ୍ୱ ଅଭିଭାବକ ଅଭିଭାବିକା ଉପସ୍ଥିତ ଥିଲେ। ପରିଚାଳନା ସମିତିର ସଦସ୍ୟା ସର୍ଣ୍ଣଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ସଦାଶିବପୁର ପଞ୍ଚାୟତରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ଢେଙ୍କାନାଳ,୨୫।୨(ରତନ ନାୟାର)

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଫେବୃଆରୀ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଆର୍ଥିକ ସାକ୍ଷରତା ସପ୍ତାହ ପାଳନ କରୁଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବିଚାରକୁ ନେଇ ଆର୍ଥିକ ସାକ୍ଷରତା ସପ୍ତାହ ୨୦୨୫ର ବିଷୟବସ୍ତୁ 'ଆର୍ଥିକ ବୁଦ୍ଧିମତା ଯାହାରି, ସେ ସମୃଦ୍ଧ ନାରୀ' ରଖାଯାଇଛି। ଏହି ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସମସ୍ତ ଅଂଶୀଦାର ଯଥା ବ୍ୟାଙ୍କ, ଏଫ୍‌ଏଲ୍‌ସି ଓ ସିଏଫ୍‌ଏଲ୍‌ର ମିଳିତ ସହଯୋଗରେ ଗୃହିଣୀ, କର୍ମଜୀବୀ ମହିଳା ଓ ମହିଳା ଉଦ୍ୟୋଗୀଙ୍କ ପାଇଁ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରୁଅଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଢେଙ୍କାନାଳ ଜିଲ୍ଲା ସଦାଶିବପୁର ପଞ୍ଚାୟତରେ ଏକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗୃହିଣୀ, କର୍ମଜୀବୀ ମହିଳା ଏବଂ ମହିଳା ଉଦ୍ୟୋଗୀ ବର୍ଗର ପ୍ରାୟ ୭୫ଜଣ ଅଂଶଗ୍ରହଣ କରିଥିଲେ। ରିଜର୍ଭ ବ୍ୟାଙ୍କର ପ୍ରବନ୍ଧକ (ଏଲ୍‌ଡିଓ) ଅଂଶଗ୍ରହଣକାରୀଙ୍କୁ ମାଇକ୍ରୋସେଭିଂ ମାସିକ ବ୍ୟୟ ବଜେଟ୍, ଜରୁରୀକାଳୀନ ଯୋଜନା, ରିସ୍କ ପରିଚାଳନା, ବ୍ୟବସାୟ ପାଇଁ ଋଣ ନେବା, ଠିକ୍ ସମୟରେ ଇଏମ୍‌ଆଇ ପ୍ରଦାନ କରିବା, କ୍ରେଡିଟ୍ ସ୍କୋରର ଗୁରୁତ୍ୱ, ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ଏବଂ ରିଜର୍ଭ ବ୍ୟାଙ୍କ ସମନ୍ୱିତ ଆମ୍ବୁଡ୍ସମାନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଢେଙ୍କାନାଳ ଏଲ୍‌ଡିଏମ୍ ଦେବାଶିଷ କୁଣ୍ଡୁ, ଢେଙ୍କାନାଳ ଏଫ୍‌ଏଲ୍‌ସି ଗୋପିନାଥ ସାହୁ ଏବଂ ୟୁକୋ ବ୍ୟାଙ୍କ ସଦାଶିବପୁର ଶାଖାର ପ୍ରବନ୍ଧକ ସ୍ନେହପ୍ରଭା ପଣ୍ଡାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।


ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ଚୋରା ମଦ ଜବତ, ଜଣେ ଗିରଫ**

ତାଳଚେର,(ମନୋଜ ନନ୍ଦ): ବାଇକ୍ ଯୋଗେ ଚୋରା ଦେଶୀ ମଦ ନେଇ ଯାଉଥିବା ଖମଣା ଗ୍ରାମର ବିଜୟ ନାଏକଙ୍କୁ ସୋମବାର ତାଳଚେର ଅବକାରୀ ବିଭାଗ ଗିରଫ କରିଛି। ଅବକାରୀ ନିରୀକ୍ଷକ ଉମାକାନ୍ତ ସ୍ୱାଇଁ, ଓଆଇସି ହାତିଆ ବେହେରାଙ୍କ ନେତୃତ୍ୱରେ ବହ୍ଲର ଛକଠାରେ ଚଢ଼ାଉ କରାଯାଇ ବିଜୟଙ୍କୁ ଗିରଫ କରାଯାଇଥିଲା। ଏଥିସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି।

# ପ୍ରତି ପ୍ରହରରେ ହେବ କୁକୁଟେଶ୍ୱରଙ୍କ ଭିନ୍ନ ବେଶ

**ଜାଗର ପାଇଁ ସବୁଠି ଉତ୍ସାହ। ଚଳଚଞ୍ଚଳ ଶୈବପୀଠ ପରିବେଶ। ମହାଦୀପ ଉଠିବାକୁ ଢେର ସମୟ ଥିଲେ ମଧ୍ୟ ଏବେଠୁ ଆତୁର ହେଲାଣି ଶ୍ରଦ୍ଧାଳୁଙ୍କ ମନ। ସେଥିପାଇଁ ଶିବମନ୍ଦିର ମୁହାଁ ହେଲାଣି ଭକ୍ତଙ୍କ ସୁଅ।**

**ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ଅନୁଗୋଳର ଶୈବପୀଠ**

- ହରିହର ଭେଟ ପୀଠର ଅନ୍ୟତମ ଆକର୍ଷଣ
- ସକାଳୁ ଆରମ୍ଭ ହେବ ଭକ୍ତଙ୍କ ପ୍ରବଳ ଭିଡ଼
- ନୀତିକାନ୍ତି, ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଅନୁଗୋଳ,୨୫।୨(ମାନସ ବିଶ୍ୱାଳ)

ମହାଶିବରାତ୍ରି ପାଇଁ ସଜେଇ ହୋଇଛି ଅନୁଗୋଳର ବିଭିନ୍ନ ଶୈବପୀଠ। ଚଳଚଞ୍ଚଳ ହୋଇଉଠିଛି ସହର ଓ ଏହାର ଉପକଣ୍ଠରେ ଥିବା ସମସ୍ତ ଶିବାଳୟ। ବୁଧବାର ରାତିରେ ମହାଦୀପ ଉଠିବାକୁ ଥିବାରୁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ସକାଳୁ ଠାକୁରଙ୍କ ନୀତିକାନ୍ତି ସହ ଆରମ୍ଭ ହୋଇଯିବ ଭିଡ଼। ମା' ବୁଢ଼ୀ ମନ୍ଦିରକୁ ଲାଗିଥିବା ଶିବମନ୍ଦିର ଠାରୁ ଅମଳାପଡ଼ାରେ ଥିବା ସ୍ୱପ୍ନେଶ୍ୱର ମନ୍ଦିର, ରାଜକିଶୋରପଡ଼ାର ସର୍ପେଶ୍ୱର ମନ୍ଦିର, ମଖିକାର କାଶୀବୈଦ୍ୟନାଥ ମନ୍ଦିର, ବଲାସିଂହାଠାର ବାବା ବାଲୁଙ୍କେଶ୍ୱର ମନ୍ଦିର ଏବଂ ତୁମୁଣିରେ ଥିବା କୁକୁଟେଶ୍ୱର ମନ୍ଦିରରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେବେ କୁକୁଟେଶ୍ୱର ମନ୍ଦିରରେ ପ୍ରତି ପ୍ରହରରେ ଠାକୁରଙ୍କ ଭିନ୍ନ ଭିନ୍ନ ବେଶ୍ କରାଯିବ। ଏହାକୁ ଦେଖିବା ସହ ମହାଦୀପ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଥିବାବେଳେ ହରିହର ଭେଟ ନୀତି ଏହି ପୀଠର ଅନ୍ୟତମ ଆକର୍ଷଣ ସାଜିବ।

ଅନୁଗୋଳ ବ୍ଲକ ବଡ଼କେରା ପଞ୍ଚାୟତ ତୁମୁଣି ଗ୍ରାମରେ ଥିବା କୁକୁଟେଶ୍ୱର ମହାଦେବଙ୍କ ମନ୍ଦିର ଓ ଏଠାକାର ସ୍ୱତନ୍ତ୍ରତା ବେଶ୍ ପ୍ରସିଦ୍ଧ। କୁକୁଟେଶ୍ୱରଙ୍କ ପୀଠକୁ କେବଳ ଅନୁଗୋଳ ଜିଲାରୁ ନୁହେଁ, ପଡ଼ୋଶୀ ସମ୍ବଲପୁର, ବୌଦ୍ଧ, ଢେଙ୍କାନାଳ ଜିଲାର ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଜଙ୍ଗଲ ପରିବେଷ୍ଟିତ ତଥା ଅତି ମନୋରମ ସ୍ଥାନରେ ଥିବା ଏହି ପାତାଳଫୁଟା ଶିବଲିଙ୍ଗ ଦର୍ଶନ କରିବା ସହ ଅଧିଆ ପଡ଼ିଲେ, ଗୁଆ, ନଡ଼ିଆ ଓ କଳସ ବସାଇଲେ, ରୁଦ୍ରାଭିଷେକ ଏବଂ ଜଳଛାୟା ବ୍ରତ ମାଧ୍ୟମରେ ମାନସିକ କଲେ ମନସ୍କାମନା



କୁକୁଟେଶ୍ୱର ମହାଦେବଙ୍କ ମନ୍ଦିର।

ପୂରଣ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ପ୍ରତିବର୍ଷ ଇଂରାଜୀ ନବବର୍ଷରେ ଏହି ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ଫାଲଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହା ଶିବରାତ୍ରି, ମାର୍ଚ୍ଚ ମାସରେ ଦଣ୍ଡଯାତ୍ରା, ଶ୍ରାବଣ ମାସରେ ବୋଲବମ ଉତ୍ସବ ସହ କାର୍ତ୍ତିକ ମାସ ଶୁକ୍ଳପକ୍ଷ ତିଥିରେ ବଡ଼ଓଷା ମହା ଆଡମ୍ବରରେ ପାଳନ ହୋଇଥାଏ। ୧୯୮୦ ମସିହା ପୂର୍ବରୁ ଦେବୋତ୍ତର ବିଭାଗ ଏହି ମନ୍ଦିରର ଦାୟିତ୍ୱ ନେଇଥିବା ବେଳେ ଅଞ୍ଚଳବାସୀଙ୍କ ଦ୍ୱାରା ପରିଚାଳନା କମିଟି ଗଠନ କରାଯାଇ ମନ୍ଦିର ପରିଚାଳନା କରାଯାଉଛି। ଅନୁଗୋଳ ଗଡ଼ଜାତ ରାଜ୍ୟର ରାଜାଙ୍କ ଦ୍ୱାରା ନିୟୋଜିତ ଉକ୍ତ ଅଞ୍ଚଳର ଦେହୁରୀ ପୂଜକ ମହାଦେବଙ୍କ ସେବା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ୩ ଜଣ ପ୍ରାଧିକୃତ ଆଚାର୍ଯ୍ୟଙ୍କ ଦ୍ୱାରା ଯଜ୍ଞ, ରୁଦ୍ରାଭିଷେକ ଆଦି ହୋଇ ଆସୁଛି। ବାବା କୁକୁଟେଶ୍ୱରଙ୍କ ଆଦି ସେବକ ହେଉଛନ୍ତି ରାଜା ରୁଦ୍ରନାରାୟଣ ମହେନ୍ଦ୍ର ଜଗଦେବ। ତାଙ୍କ କରସେବାରେ ଜାଗର ଦିନ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୋଇଥାଏ। ଏହି ଦିନ ପ୍ରତି ପ୍ରହରରେ ବାବାଙ୍କ ଭିନ୍ନ ଭିନ୍ନ ବେଶ କରାଯାଇଥାଏ। ଏହି ପୀଠରେ ପ୍ରାୟ ୧୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ପରିଚାଳନା କମିଟି, ତୁମୁଣି ଗ୍ରାମସଭା କର୍ମକର୍ତ୍ତା ଓ ବନ୍ତଳା ପୋଲିସ ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି।



"ମହାଶିବରାତ୍ରିରେ ବାବା କୁକୁଟେଶ୍ୱରଙ୍କ ପୀଠରେ ବିଭିନ୍ନ ନୀତିକାନ୍ତି ପାଳନ ହୁଏ। ଏହି ଦିନରେ ସମବେତ ଭକ୍ତମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ ସାଜିଥାଏ କୁକୁଟେଶ୍ୱରଙ୍କ ହରିହର ଭେଟ ସେବା। ଭଗବାନ ବିଷ୍ଣୁ ଓ ଶିବଙ୍କ ଏହି ଭେଟ ନୀତି ଏଠାରେ ଯେତିକି ସ୍ୱତନ୍ତ୍ର ସେତିକି ରୋଚକ।

**- ଜ୍ୟୋତି ରଞ୍ଜନ ଆଚାର୍ଯ୍ୟ, ପୂଜକ**



"ମନ୍ଦିର ପରିଚାଳନା ପାଇଁ ସଚ୍ଚିଦାନନ୍ଦ ଦେହୁରୀ, ପ୍ରଫୁଲ୍ଲ ଦେହୁରୀ, ସଦାନନ୍ଦ ଦେହୁରୀଙ୍କ ସମେତ ୩୦ ଜଣ ସେବାୟତ ରହିଛନ୍ତି। ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଦର୍ଶନ ପାଇଁ ଆସୁଛନ୍ତି। କିନ୍ତୁ ରାସ୍ତା ଠାରୁ ଆରମ୍ଭ କରି ଅନେକ ଅବ୍ୟବସ୍ଥା ଥିବାରୁ ବିଭିନ୍ନ ଉତ୍ସବ ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ଏହି ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଲେ ଏହାର ବିକାଶ ହୋଇପାରିବ।

**- ନକୁଳ ଦେହୁରୀ, ମୁଖ୍ୟ ପରିଚାଳକ**

## ଜଙ୍ଗଲ ଜବରଦଖଲମୁକ୍ତ କରିବାକୁ ଦାବି



ଅଭିଯୋଗପତ୍ର ପ୍ରଦାନ କରିବାକୁ ଆସଥିବା ଗ୍ରାମବାସୀ।

ଅନୁଗୋଳ,୨୫।୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠ ଜରାସିଂହା ଗ୍ରାମବାସୀ ଚାରାରୋପଣ କରି ସୃଷ୍ଟି କରିଥିବା ଜଙ୍ଗଲକୁ ଜବରଦଖଲ କରାଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଏକ ଅଭିଯୋଗପତ୍ର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନଙ୍କୁ ପ୍ରଦାନ କରିଛନ୍ତି। ୭ ଦିନ ଭିତରେ ଗ୍ରାମ୍ୟ ଜଙ୍ଗଲ ଜବରଦଖଲମୁକ୍ତ କରା ନ ଗଲେ ୬୩ନଂ. ରାଜ୍ୟ ରାଜପଥ ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଅଭିଯୋଗପତ୍ରରେ ଗ୍ରାମବାସୀ ଦର୍ଶାଇଛନ୍ତି, ଜରାସିଂହା ଗ୍ରାମସଭା ଦ୍ୱାରା ଚାରା ରୋପଣ କରାଯାଇ ଏକ ଜଙ୍ଗଲ ସୃଷ୍ଟି କରାଯାଇଥିଲା। ଉକ୍ତ ଜଙ୍ଗଲର କିଛି ଜାଗାକୁ କେତେଜଣ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ଜବରଦଖଲ କରିବା ସହ ଗଛଗୁଡ଼ିକୁ କାଟି ଘର ତିଆରି କରି ଭଡ଼ାସୂତ୍ରରେ ଲଗାଇଛନ୍ତି। ଏଥିସହ କେତେଜଣ ବ୍ୟକ୍ତି ଗ୍ରାମବାସୀଙ୍କୁ ଭୟଭୀତ.କରାଇ ଗ୍ରାମର ଗୋଚର ଜମି, ମଶାଣି ଆଦି ଜବରଦଖଲ କରି ନେଉଛନ୍ତି। ଗ୍ରାମବାସୀ ଏ ନେଇ ଅଭିଯୋଗ କଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଗ୍ରାମବାସୀଙ୍କ ଅର୍ଥରେ କିଛି ଜାଗା କିଣା ଯାଇଥିଲା। ହେଲେ ଉକ୍ତ ଜାଗାକୁ ମଧ୍ୟ ଜବର ଦଖଲ କରାଯାଉଛି। ଏଥିସହ ଗାଁ ଦେଇ ଯାଇଥିବା ୬୩ନଂ. ରାଜ୍ୟ ରାଜପଥ ଆଖପାଖର ୪ଟି ପଞ୍ଚାୟତବାସୀ ମିଶି ସରକାରଙ୍କ ସହଯୋଗରେ ଭାରିଯାନ ଚଳାଚଳ ବନ୍ଦ କରିଥିଲେ। ହେଲେ ଲୋକମାନଙ୍କୁ ନ ଜଣାଇ ଉକ୍ତ କଟକଣାକୁ ଉଠାଇ ନିଆଯାଇଛି। ତେଣୁ ଏହାର ସ୍ଥାୟୀ ସମାଧାନ ସହ ଗ୍ରାମ୍ୟ ଜଙ୍ଗଲ, ଗ୍ରାମ ଜାଗା ଓ ମଶାଣି ଜବରଦଖଲମୁକ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କମ୍ପାନୀ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଡେରଙ୍ଗ/ପବିତ୍ରନଗର, ୨୫।୨(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ ଅଫିସ ପ୍ରାଙ୍ଗଣରେ ମଙ୍ଗଳବାର ବି.ସି. ଜିନ୍ଦଲ କମ୍ପାନୀ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିନ୍ଦଲ କମ୍ପାନୀର ଭିପି ସୁରେଶ କୁମାର ବଂଶଲ, ଡିଜିଏମ୍ ବଳଭଦ୍ର ଜେନା, ସିଏସ୍‌ଆର୍ ରବିସ ରଞ୍ଜନ, ଏଲ୍ ଆଡଭାଇଜର୍ ରାକେଶ କୁମାର ଗୁପ୍ତା, ମ୍ୟାନେଜର ଅଖିଳ କୁମାର ପ୍ରଧାନ, ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା, ଗ୍ରାମ ସଭାପତି ପ୍ରସନ୍ନ କୁମାର ନାୟକ, ବାନାମ୍ବର ସାହୁ, ଟଙ୍କଧର ପ୍ରଧାନ, ସମ୍ପାଦକ ସୁଜିତ ସାହୁ, ଅନିଲ କୁମାର ବେହେରା, ହୃଦୟ ପ୍ରଧାନଙ୍କ ସମେତ ସନ୍ତୋଷ କୁମାର ବେହେରା, ଟିକନ ମହାନ୍ତି, ମୂଳିଆ ସାହୁ, ବିନୋଦ ସାହୁ, ବିଛନ୍ଦ ସାହୁ, ସୁମନ୍ତ କୁମାର ମହାନ୍ତି, ଦାଶରଥି ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳ ରେଡ୍‌କ୍ରସ୍ ରକ୍ତ ଭଣ୍ଡାରର ଡାକ୍ତର ଝସକେତନ ପ୍ରଧାନ, କୁମୁଦ ସାହୁ, ପ୍ରସନ୍ନ ବେହେରା, ଗୋପାଳ ଚନ୍ଦ୍ର ବେହେରା, ତ୍ରିନାଥ ଓତା, ରାଜକିଶୋର ପ୍ରଧାନ, ଚନ୍ଦ୍ରମଣି ନାଏକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ରାସାୟନିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ




ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

ଅନୁଗୋଳ,୨୫।୨ (ମାନସ ବିଶ୍ୱାଳ)

ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ମଙ୍ଗଳବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ତତ୍ତ୍ୱାବଧାନରେ ଆସନ୍ତା ୨୮ ତାରିଖରେ ଏନ୍‌ଟିପିସି କଣିହାଁ, ଜେଆଇଟିପିଏଲ ଡେରଙ୍ଗ, ଜେଏସ୍‌ପିଏଲ ନିଶା ଠାରେ ରାସାୟନିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ମକ୍‌ଡ୍ରିଲ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲା ଆପତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ଏହି ମକ୍‌ଡ୍ରିଲ ନିମନ୍ତେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ କଣ୍ଟ୍ରୋଲ ରୁମ୍, ରିଲିଫ ସେଣ୍ଟର, ପ୍ରଦୂଷଣ ସ୍ଥାନ, ନାଲି, ହଳଦିଆ, ସବୁଜ ଜୋନ୍ ଆଦି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ୍ରାଫ, ଅଗ୍ନିଶମ, ପୋଲିସ ପକ୍ଷରୁ ପାୱାର ପଏଣ୍ଟ ମାଧ୍ୟମରେ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହି ବୈଠକରେ ଆଭାସି ମାଧ୍ୟମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଷ୍ଟ୍ରୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ମକ୍ ଡ୍ରିଲ ସମ୍ପର୍କିତ ପ୍ରସ୍ତୁତି ଉପରେ ତଦାରଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ରାୟଗୁରୁ, ସହକାରୀ ନିର୍ଦ୍ଦେଶକ ଫ୍ୟାକ୍ଟ୍ରି ଓ ବ୍ରଏଲର୍ସ ମନୋଜ କୁମାର ମିଶ୍ର, ସହକାରୀ ଅଗ୍ନିଶମ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ଛେଣ୍ଡିପଦା ତହସିଲଦାର ମାନସ ରଞ୍ଜନ ରାୟ, ତାଳଚେର ତହସିଲଦାର ରୋଜାଲିନ ବେହେରାଙ୍କ ସମେତ ଏନ୍‌ଟିପିସି, ଜେଏସ୍‌ପିଏଲ୍, ଜେଆଇଟିପିଏଲ୍‌ର ପ୍ରତିନିଧି ଓ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀ ଯୋଗ ଦେଇଥିଲେ।

## ସଞ୍ଚୟ ଯୋଜନା ଉପରେ ଆଲୋକପାତ



୨ ଛାତ୍ରୀଙ୍କୁ ଡାକ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଉଛି।

ଅନୁଗୋଳ,୨୫।୨(ମାନସ ବିଶ୍ୱାଳ)

ଅନୁଗୋଳ ବ୍ଲକ କୁରୁଡୋଲ ଗ୍ରାମରେ ଭାରତୀୟ ଡାକ ବିଭାଗ ଦ୍ୱାରା ଡାକ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳ ଡାକ ମଣ୍ଡଳର ଡାକ ଅଧୀକ୍ଷକ ଜଗଦୀଶ ଦାସ, ସରପଞ୍ଚ, ଗ୍ରାମ ସଭାପତି, ଉପ ଡାକ ଅଧୀକ୍ଷକ ଶିବ ପ୍ରସାଦ ବେହେରା, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜଗନ୍ନାଥ ସେନାପତି, ଅନୁଗୋଳ ପ୍ରଧାନ ଡାକ ଘର ବ୍ୟବସାୟିକ ଅଧିକାରୀ ସୁଜିତ କୁମାର ଦେହୁରୀ ଉପସ୍ଥିତ ରହି ଡାକ ବିଭାଗର ବିଭିନ୍ନ ସଞ୍ଚୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଡାକ ବିଭାଗ ଦ୍ୱାରା ଦୀନ୍ ଦୟାଲ ସ୍ପର୍ଶ ସ୍କଲାରଶିପ୍‌ରେ ଭାଗ ନେଇଥିବା ଅନୁଗୋଳ ଜିଲାର ୨ କୃତୀ ଛାତ୍ରୀ ତନିଷ୍କା ତନ୍ମୟୀ ସାହୁ ଏବଂ ଦୀକ୍ଷା ମିଶ୍ରଙ୍କୁ ସାର୍ଟିଫିକେଟ ସହ ୬ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କୁରୁଡୋଲ ଗ୍ରାମର ପ୍ରାୟ ୫୦୦ରୁ ଅଧିକ ଗ୍ରାମବାସୀ ଭାଗନେଇ ଡାକ ବିଭାଗ ଦ୍ୱାରା ଆୟୋଜିତ ମେଳାକୁ ସଫଳ କରିଥିଲେ।

## ପ୍ରାଥମିକ ଶିକ୍ଷା ଭବିଷ୍ୟ ଗଠନର ମୂଳଭିତ୍ତି



ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା, ୨୫।୨(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁମ୍ଭିଆଠାରେ ମଙ୍ଗଳବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ସଭ୍ୟା ସୁଶ୍ରିତା କର୍ଣ୍ଣ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜୁ ଦେହୁରୀ, ବିଦ୍ୟାଳୟ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଅକ୍ରୁର କର୍ଣ୍ଣ, ପ୍ରଧାନ ଶିକ୍ଷକ ପଦ୍ମଲୋଚନ ମେହେର ପ୍ରମୁଖ ଯୋଗଦେଇ ପ୍ରାଥମିକସ୍ତରର ଶିକ୍ଷା ହେଉଛି ଶିଶୁ ଭବିଷ୍ୟ ଗଠନର ମୂଳଭିତ୍ତି ବୋଲି କହିଥିଲେ। ଉତ୍ସବରେ ବିଦ୍ୟାଳୟର କୁନିକୁନି ଶିଶୁଙ୍କ ସମେତ ସମସ୍ତ ଅଭିଭାବକ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ମାନସମୋହନ ମହାପାତ୍ର ଧନ୍ୟବାଦ ଜଣାଇଥିଲେ।

## ସ୍ୱତନ୍ତ୍ର ଅଲିମ୍ପିକ ସମ୍ପର୍କିତ ଜୋନାଲସ୍ତରୀୟ ତାଲିମ

ଅନୁଗୋଳ,୨୫।୨ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ଅଲିମ୍ପିକ ସମ୍ପର୍କିତ ଜୋନାଲସ୍ତରୀୟ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଅନୁଗୋଳ, ଢେଙ୍କାନାଳ ଓ ଦେବଗଡ଼ ଜିଲାର ୩୨ ଜଣ ଗୋଷ୍ଠୀ ସାଧନ କର୍ମୀ, ୧୦ ଭିନ୍ନକ୍ଷମ ଛାତ୍ରୀଛାତ୍ର, ୫ ସାଧାରଣ ଛାତ୍ରୀଛାତ୍ର, ୨ଜଣ ଖେଳ ଶିକ୍ଷକ, ୧୫ ଅଭିଭାବକଙ୍କ ସମେତ ସମୁଦାୟ ୬୮ ଜଣ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, କାର୍ଯ୍ୟକ୍ରମ ସଂଯୋଜକ ଭାବେ ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ଅନ୍ତଃରାଷ୍ଟ୍ରୀୟ କୋଚ୍ ସସ୍ମିତା ମହାପାତ୍ର, ଅର୍ପିତା ମହାପାତ୍ର, ରାଜ୍ୟ ସାଧନକର୍ମୀ ତ୍ରିନାଥ ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ସ୍ୱତନ୍ତ୍ର ଅଲିମ୍ପିକ ଜର୍ସି ପ୍ରଦାନ କରାଯାଇଥିଲା। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ସଂଘ ସମସ୍ୟା ସମ୍ପର୍କରେ ଆଲୋଚନା



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ।

ବଇଣ୍ଡା,୨୫।୨(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଜଏରାଟ ଆମ୍ବତୋଟା ପରିସରରେ ମଙ୍ଗଳବାର କୃଷକ ମଙ୍ଗଳ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧର୍ମେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନିମାଇଁ ଚରଣ ସାହୁ, ମୋହନ ଚରଣ ସାହୁ, ବସନ୍ତ ବିଶ୍ୱାଳ, ଅଞ୍ଜଳି ବେହେରା, ମାନିନୀ ସାହୁଙ୍କ ସମେତ ବହୁ କୃଷକ ଯୋଗଦେଇଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ବିଶେଷକରି ସରକାରଙ୍କ ପକ୍ଷରୁ ଆସୁଥିବା ଯୋଜନାଗୁଡିକ କିଭଳି ଲୋକଙ୍କଠାରେ ପହଞ୍ଚିବ ସେ ସମ୍ପର୍କରେ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଚାଷୀଙ୍କ ବିକାଶ ପାଇଁ ସରକାର ତୁରନ୍ତ ଜଳସେଚନ ବ୍ୟବସ୍ଥା କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି ହୋଇଛି।

## ଯୋଜନାର ସଦୁପଯୋଗ କରିବାକୁ ପରାମର୍ଶ

ଅନୁଗୋଳ,୨୫।୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ କ୍ୟାରିଅର୍ କାଉନସେଲିଂ ଏବଂ ପ୍ଲେସମେଣ୍ଟ ସେଲ୍ ଦ୍ୱାରା ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପ୍ ଯୋଜନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ମାଧ୍ୟମରେ ଯୁବ ସ୍ନାତକମାନଙ୍କ ରୋଜଗାର କ୍ଷମତା ବୃଦ୍ଧି ଏବଂ ବ୍ୟବହାରିକ କାର୍ଯ୍ୟାନୁଭୂତି ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଛାତ୍ରୀଛାତ୍ରମାନଙ୍କୁ ଜଣାଇବା ଥିଲା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ। ପ୍ରଧାନ ଅଧ୍ୟାପକ ଡ. ନୀଳାଞ୍ଜନ ପଟେଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅନୁଗୋଳ ଜିଲା ଦକ୍ଷତା ବିକାଶ ଏବଂ ରୋଜଗାର ଅଧିକାରୀ ଦେବାଶିଷ ସାହୁ ଏବଂ ସିଏମ୍ ଦକ୍ଷତା ବିକାଶର ବିଶ୍ୱଜିତ ପଣ୍ଡା ଯୋଜନାର ଲକ୍ଷ୍ୟ, ଲାଭ ଏବଂ ପଞ୍ଜୀକରଣ ପ୍ରକ୍ରିୟା




ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀମାନେ।

ଉପରେ ଆଲୋଚନା କରିଥିଲେ। ସରକାରଙ୍କ ଏହି ଯୋଜନାର ସଦୁପଯୋଗ କରିବାକୁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କ୍ୟାରିଅର୍ କାଉନସେଲିଂ ସେଲ୍, ସରକାରୀ କଲେଜର ବିଭାଗୀୟ ଅଧିକାରୀ ସୁଜ୍ଞାନୀ ରଥ କାର୍ଯ୍ୟକ୍ରମର ସମନ୍ୱୟକାରୀ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାୟ ୮୦ ଜଣ ଛାତ୍ରୀଛାତ୍ର ଏହି ସଚେତନତା ଶିବିରରେ ଅଂଶଗ୍ରହଣ କରିଥିଲେ। କ୍ୟାରିଅର୍ କାଉନସେଲିଂ ସେଲ୍ ସଦସ୍ୟ ପି. ମିର୍ଦ୍ଧା ଏବଂ ସୁଶ୍ରୀ ରଶ୍ମିତା ସାହୁ ଛାତ୍ରୀଛାତ୍ରଙ୍କୁ ପଞ୍ଜୀକରଣ ପ୍ରକ୍ରିୟା ଏବଂ ସେମାନଙ୍କ ପ୍ରଶ୍ନର ସମାଧାନରେ ସହାୟତା କରିଥିଲେ। କାଉନସେଲିଂ ସେଲ୍ ସଦସ୍ୟ ଡ. ଏସ.ଏନ. ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ ସମିତି ସାଧାରଣ ବୈଠକ

**ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ନେଇ ଉତ୍ତେଜନା**

ସନ୍ତ୍ରିଛକ,୨୫।୨ (ସନ୍ତୋଷ ପରିଡ଼ା)

ବଁଅରପାଳ ପଞ୍ଚାୟତ ସମିତିର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅମିୟ କୁମାର ତ୍ରିପାଠୀ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ଛବିମୋହନ ସାହୁ, ବିଡିଓ ଲୋଚନ ଦାସ ଏବଂ ଉପାଧ୍ୟକ୍ଷା ବନିତା ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଏବଂ ପରିମଳ ସମ୍ପର୍କରେ ସ୍ୱତନ୍ତ୍ର ଭାବରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ, ପଶୁ ସମ୍ପଦ, ମହିଳା ଏବଂ ଶିଶୁ ବିକାଶ, ଶିକ୍ଷା ଆଦି ବିଭାଗର ଉନ୍ନୟନ କାର୍ଯ୍ୟ



ବୈଠକରେ ମଞ୍ଚାସୀନ ଜନପ୍ରତିନିଧିଙ୍କ ସମେତ ଅଧିକାରୀମାନେ।

ଉପରେ ଆଲୋଚନା ହୋଇଥିଲା। ବୈଠକରେ ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଏବଂ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ, ଯନ୍ତ୍ରୀ ଗୌତମ ନାୟକ ଉପସ୍ଥିତ ଥିଲେ। ତେବେ ବୈଠକରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ବ୍ଲକ ଅଧ୍ୟକ୍ଷ ଦୁର୍ବ୍ୟବହାର କରିବା ସହ ସମସ୍ତେ ବାହାରକୁ ପଳାଇଯାଆନ୍ତୁ ବୋଲି କହିବାରୁ କିଛି ସମୟ ପାଇଁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ନିଜ ଭୁଲ ବୁଝିପାରି ଅଧ୍ୟକ୍ଷ କ୍ଷମା ମାଗିବା ସହ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି କହିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ସମ୍ପର୍କରେ ଏମ୍‌ପି ପାଣି କହିଛନ୍ତି ବିଗତ ଦିନର ତ୍ରୁଟି ଦେଖିଲି। ଉନ୍ନୟନ କାର୍ଯ୍ୟରୁ ବିଚ୍ୟୁତ ନ ହେବାପାଇଁ ଅନୁରୋଧ କଲି। ଆଗକୁ ଅତି ଉତ୍ତମ କାମ ହେବା ସହ ପାନୀୟଜଳ ଯୋଗାଣ କିଭଳି ସୁରୁଖୁରୁରେ ହେବ ତା ଉପରେ ଗୁରୁତ୍ୱ ଦେଇଥିବା ପ୍ରକାଶ କରିଥିଲେ।

